# Akashvani, Sambalpur

## SAMBALPURI NEWS EVENING BULLETIN

**27 October 2025- 7.02 pm- 7.12 pm.**

**************************************************

୧- ୨୦୪୭ ମସିହାତକ୍ ଓଡ଼ିଶାର୍ ବନ୍ଦର କ୍ଷମତା ୫ ଶହ ନିୟୁତ ଟନ୍‌କେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ଭାରତ୍ ସାମୁଦ୍ରିକ ସପ୍ତାହ-୨୦୨୫ଥି ରାଏଜେ ବନ୍ଦର୍ ଭିତିକ ପ୍ରକଳ୍ପର୍ ବିକାଶ୍ ଲାଗି ୫୦ ହଜାର୍ କୋଟି ଟଙ୍କାର୍ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ।

୨- ଦକ୍ଷିଣ ପୂର୍ବ ବଙ୍ଗୋପସାଗର୍ ନ ହେଇଥିବା ବାତ୍ୟା ମୋନ୍ଥା ଆଏବାକାଏଲ୍ ଆହୁରି ବର୍‌କସ୍ ହେଇପାରେ ।

- ବାତ୍ୟା ପ୍ରଭାବ୍‌ଥି ୮ ଟା ଜିଲ୍ଲା ନ ଜବର୍ ବର୍ଷା ଅନୁମାନ୍ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

୩- ୨ ନମ୍ବର୍ ଖେପେ ୧୨ ଟା ରାଜ୍ୟ ନ ହେବା ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍ ।

ଆଉର୍

୪- ରାଏଜେ ଆଏଜ୍ ଠାନୁ ପାଲନ୍ ହେଲା ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ।

ଭାରତ୍ ସାମୁଦ୍ରିକ ସପ୍ତାହ        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ/ଏକ୍ସ

୨୦୪୭ ମସିହାତକ୍ ଓଡ଼ିଶାର୍ ବନ୍ଦର କ୍ଷମତା ୫ ଶହ ନିୟୁତ ଟନ୍‌କେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମହାରାଷ୍ଟ୍ରର୍ ମୁମ୍ବାଇ ଠାନେ ଚାଲିଥିବା ଭାରତ୍ ସାମୁଦ୍ରିକ ସପ୍ତାହ-୨୦୨୫ ସମ୍ମିଲନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆଁ ଓଡ଼ିଶା ଇହାଦେ ବହୁତ୍‌ଟେ ସମ୍ଭାବନା ଆଉ ସୁଯୋଗ୍‌ର ପ୍ରତୀକ୍ ବନିସାରିଛେ । ଓଡ଼ିଶା ନ ଗୁଟେ ବର୍‌କସ୍ ବନ୍ଦର୍ ଭିତିକ ଅର୍ଥନୀତି ବନାବାର୍ ଦିଗେ ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର୍ ୫ ଶହ ୭୫ କିଲୋମିଟର୍ ଲମ୍ବା ସମୁଦ୍ର ଖଁଡ଼ିର୍ ବିକାଶ୍ ସହେତେ ପୂର୍ବ ଭାରତ୍ ନ ରାଜ୍ୟ ଇହାଦେ ମେରିଟାଇମ୍ ଗେଟ୍‌ୱେ ଭାବେ ଉଭା ହେଇଛେ । ଆଏବା ୨୫ ବଛରେ ଭାରତ୍‌ର ବିକାଶ୍ ଯାତ୍ରାଥି ଓଡ଼ିଶା ଆହୁରି ବର୍‌କସ୍ ଭାବେ ସାମିଲ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମାରୋହଥି ରାଏଜେ ବନ୍ଦର୍ ଭିତିକ ପ୍ରକଳ୍ପର୍ ବିକାଶ୍ ଲାଗି ୫୦ ହଜାର୍ କୋଟି ଟଙ୍କାର୍ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ଶ୍ରୀ ମାଝୀ ଓଡ଼ିଶା ପାଭିଲିଅନ୍‌କେ ଉଦ୍‌ଘାଟନ୍ କରିଛନ୍ । ପାଭିଲିଅନ୍ ନ ପ୍ରଦର୍ଶିତ୍ ହେଇଥିବା

ରାଜ୍ୟର୍ ଗୌରବମୟ ନୌବାଣିଜ୍ୟ ପରମ୍ପରାର୍ ଝଲକ୍ ଦେଖିକରି ସେ ପ୍ରଶଂସା କରିଛନ୍ ।

କାର୍ଯ୍ୟକ୍ରମ୍ କେ ଉଦ୍‌ଘାଟନ୍ କରିକରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭାରତ୍ ନିଜର୍ ରଣନୈତିକ୍ ସାମୂଦ୍ରିକ୍ ସ୍ଥିତି, ଗଣତାନ୍ତ୍ରିକ ସ୍ଥିରତା, ବର୍‌କସ୍ ନୌସେନା ସାମର୍ଥ୍ୟ ଲାଗି ଭାରତ-ପ୍ରଶାନ୍ତ ମହାସାଗରିୟ କ୍ଷେତ୍ର ଆଉ ବିଶ୍ୱ-ଦକ୍ଷିଣ ରାଷ୍ଟ୍ର ଭିତ୍‌ରେ ଗୁଟେ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାମ୍ କରୁଛେ ବଲି କହିଛନ୍ । ସମାବେଶ୍‌ଥି ୮୫ ଟା ଦେଶର୍ ୫ ଶହ ନୁ ଅଏତ୍‌କା ପ୍ରଦର୍ଶକ୍ ଆଉ ୪୦ ଟା ଫୋରମ୍ ଭାଗ୍ ନେଇଛନ୍ । ଆଏବା ବୁଧବାର୍ ଦିନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଟେ ଖାସ୍ ପୂର୍ଣ୍ଣାଙ୍ଗ ଅଧିବେଶନ୍‌କେ ସମ୍ବୋଧିତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବାତ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ହେଇଥିବା ବାତ୍ୟା ମୋନ୍ଥା ଇଛେନ୍‌ତକ୍ ଆନ୍ଧ୍ରପ୍ରଦେଶ୍‌ର କାକିନାଡ଼ା ଠାନୁ ୬ ଶହ କିଲୋମିଟର୍ ଆଉ ଓଡ଼ିଶାର୍ ଗୋପାଲ୍‌ପୁର୍‌ନୁ ୭ ଶହ କିଲୋମିଟର୍ ଦୂରେ ରହିଛେ । ଆଏବା କାଏଲ୍ ସଖାଲ୍‌ତକ୍ ଇଟା ଆହୁରି ବର୍‌କସ୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ବାତ୍ୟାର୍ ପ୍ରଭାବ୍‌ଥି ଆଏଜ୍ ଦିନ୍‌ବେଲୁ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ମୁଲ୍ ହେଇଯାଇଛେ ।

ବାତ୍ୟା ମୋନ୍ଥାର୍ ମୁକାବିଲାର୍ ଲାଗି ଆଏଜ୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଲୟ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ପରିଚାଲନାଥି ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଆଏବା କାଏଲ୍ ବାତ୍ୟା ମୋନ୍ଥା ଆନ୍ଧ୍ରପ୍ରଦେଶ୍‌କେ ପୁହୁଁଚିବା । ଓଡ଼ିଶା ନ ଭିଲ୍ ତାର୍ ପ୍ରଭାବ ରହେବା । ସବୁନୁ ଜହ ପ୍ରଭାବିତ୍ ହେବାର୍‌କେ ଥିବା କଲାହାଣ୍ଡି, କୋରାପୁଟ୍, ମାଲ୍‌କାନ୍‌ଗିରି, ରାୟଗଡ଼ା, ଗଞ୍ଜାମ୍, ଗଜପତି, କନ୍ଧମାଲ୍ ଆଉ ନବରଙ୍ଗ୍‌ପୁର୍ ଜିଲ୍ଲା ନ ତୟାରି ଶେଷ୍ ଖେପ୍‌ଥି ପୁହୁଁଚିଛେ । ଶହେ ୨୮ ଟା ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଆଉ ଅଗ୍ନିଶମ ଦଲ୍ ଇ ଜିଲ୍ଲାମାନ୍‌କେ ମୁତୟନ୍ ଅଛନ୍ । ଥିତିକେ ନଜର୍‌ଥି ରଖିକରି କଟକ୍ ମୁଣ୍ଡୁଲିନୁ ଆଉ ୫ ଟା ଏନ୍‌ଡିଆର୍‌ଏଫ୍ ଟିମ୍ ଦକ୍ଷିଣ୍ ଓଡ଼ିଶାର୍ ୮ ଟା ଜିଲ୍ଲାକେ ଯାଇଛନ୍ ବଲି ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଇ ଅବ୍‌ସରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ ସିଂ କହିଛନ୍, ରେଡ୍ ଜୋନ୍‌ଥି ଥିବା ୮ ଟା ଜୋନ୍ ନ ୨ ଶହ ବାତ୍ୟା ଆଶ୍ରୟସ୍ଥଳୀ ତୟାର୍ ରଖାଯାଇଛେ । ଇ ଜିଲ୍ଲାମାନ୍‌କେ ଆଏବା ୩୦ ତାରିଖ୍‌ତକ୍ ସବୁ ବିଦ୍ୟାଳୟ ଆଉ ଅଙ୍ଗନବାଡ଼ି କେନ୍ଦ୍ରକେ ବନ୍ଦ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଶ୍ରୀ ସିଂ କହିଛନ୍ ।

ସେଆଡ଼େ ବାତ୍ୟା ମୋନ୍ଥାକେ ନେଇକରି କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍ଫୁ ସବୁ ପ୍ରକାର୍ ତୟାରି କରାଯାଇଛେ । ବାତ୍ୟାଥି ନୁକ୍ସାନ୍ ହେବାର୍କେ ଥିବା ଶହେ ୧୭ ଟା ଗାଁକେ ଚିହ୍ନଟ୍ କରାଯାଇଛେ । ଇତାର୍ସହେତେ ଜିଲ୍ଲା ନ ୯୬ ଟା ଅସ୍ଥାୟୀ ବାତ୍ୟା ଆଶୟସ୍ଥଲୀ ଆଉ ୪ ଟା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଲୀ ତିଆର୍ କରାଯାଇଛେ । ସବୁ ଜାଗା ନ ବିଡ଼ିଓ ମାନେ ସିଧାସଲଖ୍ ଥିତି ଉପ୍ରେ ନଜର୍ ରଖିବେ । ଲୁକ୍କର୍ ଲାଗି ଖାଏବାର୍ ବ୍ୟବସ୍ଥା ଭିଲ୍ କରାଯାଉଛେ । ଜିଲ୍ଲା ପ୍ରଶାସନ୍ ତର୍ଫୁ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା କରାଯାଇଛେ ବଲି ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ସୂଚ୍ନା ଦେଇଛନ୍ ।

ସମ୍ବଲପୁର୍ ଜିଲ୍ଲା ବୁର୍ଲା ଠାନେ ଥିବା ଟିପିଡବ୍ଲୁଓଡିଏଲ୍ ତର୍ଫୁ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ନିୟନ୍ତ୍ରଣ୍ କକ୍ଷ ଥାପ୍ନା କରାଯାଇଛେ । ଇତାର୍ସହେତେ ଜିଲ୍ଲା ନ ବିଭାଗ୍ ତର୍ଫୁ ବିଦ୍ୟୁତ୍ ଯୋଗାଣ ଥିତି ଉପ୍ରେ ଭିଲ୍ ନଜର୍ ରଖାଯାଇଛେ ।

ଏସ୍ଆଇଆର ଏକ୍ସ

ଖୋବ୍ ଜଲ୍‌ଦି ୧୨ ଟା ରାଜ୍ୟ  ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ୨ ନମ୍ବର୍ ଖେପେ ସ୍ୱତନ୍ତ୍ର ସଘନ ସଂଶୋଧନ୍ -ଏସ୍‌ଆଇଆର୍ ଲାଗୁ କରାଯିବା ବଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର୍ ସୂଚ୍‌ନା ଦେଇଛନ୍ । ନୂଆଦିଲ୍ଲୀ ନ ସାମ୍ବାଦିକ୍ ସମ୍ମିଲନୀଥି ନିର୍ବାଚନ ଆୟୁକ୍ତ କହିଛନ୍, ବିହାର୍ ନ ସଫଲତାର୍ ସହେତେ ଏସ୍‌ଆଇଆର୍ ଲାଗୁ ହେଇଛେ । ଇଥି ବିହାର୍‌ର ୭ କୋଟି ଭୋଟର୍ ଭାଗ୍ ନେଇଛନ୍ । ନକ୍‌ଲି ଭୋଟର୍‌ଙ୍କୁ ବାଦ୍ ଦେବାର୍ ଲାଗି ଏସ୍‌ଆଇଆର୍ ବଡ଼ ଭୂମିକା ନଉଛେ । ଖେପ୍ ଖେପ କରି ସାରା ରାଏଜେ ଇତାକେ ଲାଗୁ କରାଯିବା । ଏସ୍‌ଆଇଆର୍ ଲାଗୁ କର୍‌ବାର୍ ଲାଗି ଆଏବା କାଏଲ୍‌ଠାନୁ ବ୍ଲକ୍ ସ୍ତରର୍ ଅଧିକାରୀମାନ୍‌କର୍ ତାଲିମ୍ ମୁଲ୍ ହେବା ବଲି ଆୟୁକ୍ତ କହିଛନ୍ ।

ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍‌ଠାନୁ ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା ମୁଲ୍ ହେଇଛେ । 'ଦୁର୍ନୀତି ନିବାରଣ୍ଃ ଆମର୍ ସାମୂହିକ୍ ଦାୟିତ୍ୱ' ବାର୍ତା ନେଇକରି ସଚେତନତା ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍

ମାନ୍ ଆୟୋଜନ୍ କରାଯାଉଛେ । ଭୁବନେଶ୍ୱର୍ ଲୋକ୍ସେବା ଭବନ୍  ନ ଇ ଅବ୍ସରେ ଆଏଜ୍ ଶପଥ୍ ପାଠ କରାଯାଇଥିଲା । ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ଆଉ ଯୋଜନା, ସଂଯୋଜନ ବିଭାଗ୍ର ଅଧିକାରୀ, କର୍ମଚାରୀମାନେ ଦୁର୍ନୀତି ବିରୋଧିଥି ଶପଥ୍ ପାଠ୍ କରିଥିଲେ । ସେନ୍ତା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍, ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ସହେତେ ଭିନ୍ ଭିନ୍ ବିଭାଗ୍ ତର୍ଫୁ ଶପଥ୍ ପାଠ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ଆଏବା କାଏଲ୍ ଲୋକ୍ସେବା ଭବନ୍ ଠାନେ ହେବାର୍କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁର୍ନୀତି ବିରୋଧିଥି ଶପଥ୍ ପାଠ୍ କରାବେ ।

ଦୁର୍ନୀତି ନିବାରଣ ସଚେତନତା ରଥ       ବୌଦ୍ଧ/ସୁବର୍ଣ୍ଣପୁର୍/

ସମ୍ବଲପୁର୍ ରେଲ୍ମଣ୍ଡଲ୍ ତର୍ଫୁ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ପାଲନ୍ କରାଯାଇଛେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନ୍ଜିତ୍ ସିଂ ସୋନ୍ୱାଲ୍ ଅଧିକାରୀ ଆଉ କର୍ମଚାରୀମାନ୍କୁ ଶପଥ୍ ପାଠ୍ କରେଇଥିଲେ ।

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଦୁର୍ନୀତି ନିବାରଣ୍ ବିଭାଗ୍ ତର୍ଫୁ ଦୁର୍ନୀତି ନିବାରଣ ସଚେତନତା ରଥର ଶୁଭାରମ୍ଭ

କରାଯାଇଛେ । ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ , ଦୁର୍ନୀତି ନିବାରଣ ଉପ ଆରକ୍ଷୀ ଅଧିକ୍ଷକ ସୁରେଶ୍ କୁମାର୍ କହଁର୍ ରଥର୍ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଶପଥ୍ ପାଠ୍ କରାଯାଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଇ ଅବ୍ସରେ ସର୍କାରୀ ଅଧିକାରୀ ଆଉ କର୍ମଚାରୀମାନ୍କୁ ଶପଥ୍ ପାଠ୍ କରାଯାଇଛେ ।

ଦକ୍ଷତା ବିକାଶ୍ ପ୍ରଶିକ୍ଷଣ ଶିବିର I&PR

ଭୁବ୍ନେଶ୍ୱର୍ ସେଂଚୁରିଆନ୍ ବିଶ୍ୱବିଦ୍ୟାଳୟ ଠାନେ ସର୍କାରୀ ଧନ୍ଦାମୂଳକ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନ୍କର୍ ଲାଗି ୫ ଦିନିଆ ଦକ୍ଷତା ବିକାଶ୍ ପ୍ରଶିକ୍ଷଣ ଶିବିର୍ ଉଦ୍ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ୍ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କର୍ ଧନ୍ଦାମୂଳକ୍ ଶିକ୍ଷାର୍ ମହତ୍ୱ ବୁଝେଇଥିଲେ । ଇ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ଥି ଶହେ ଝନ୍ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍, ଶିକ୍ଷୟିତ୍ରୀ ଭାଗ୍ ନେଇଛନ୍ ।

ହରିହର ବେଶ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଅବକାଶ ନୀତି ଉତ୍ରୁ ମାହାପୁରୁମାନେ ହରିହର ବେଶଥି ଶ୍ରଦ୍ଧାଲୁଙ୍କୁ ଦର୍ଶନ୍ ଦଉଛନ୍ । ପରମ୍ପରା ଅନ୍‌ସାରେ କାର୍ତିକ୍ ମାସର୍ ଦିଆଲୀ ଉଆଁସ୍ ଉତ୍ରୁ ଉଜଲ୍ ପଖର୍ ଦଶ୍‌ମୀ ତିଥି ତକ୍ ରତ୍ନ ସିଂହାସନ୍‌ଥି ଶ୍ରୀଜଗନ୍ନାଥ୍ ଆଉ ଶ୍ରୀ ବଳଭଦ୍ରଙ୍କୁ ହରିହର ବେଶ କରାଯିବାର୍ ବିଧି ରହିଛେ । ବଡ଼ ମାହାପୁରୁ ଅଧା ଧୋବ୍ ଆର୍ ଅଧା କଲା ବେଶ୍‌ଥି ୩୨ ରକ୍‌ମର୍ ସୁନା ଅଲଙ୍କାର୍ ପିନ୍ଧିଛନ୍ । ପୁଷ୍ପାଳକ ସେବକ ମାନେ ହରିହର ବେଶ ଆଉ ରାଧାଦାମୋଦର ବେଶଥି ମାହାପୁରୁଙ୍କୁ ସଜେଇଛନ୍ ।ମିଲିତ୍ ଜନ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ମାନେଶ୍ୱର୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୩ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଇ ଅବ୍‌ସରେ ଅଧିକାରୀମାନେ ଲୁକ୍‌କର୍ ଅଭିଯୋଗ୍ ଶୁନିଥିଲେ । ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହର୍ ପହେଲା ଦିନେ ଅଧିକାରୀ ଆଉ କର୍ମଚାରୀମାନେ ଶପଥ୍ ପାଠ କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ବ୍ଲକ୍ କମିରା ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ୫୮ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍ସରେ ୨ ଝନ୍ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର୍ ଯୁଗେଇ ଦିଆଯାଇଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ ଜୟନ୍ତୀ ବୌଦ୍ଧ ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ଙ୍କର୍ ଶହେ ୫୦ ତମ ଜୟନ୍ତୀ ସମାରୋହ ଆଏବା ୩୧ ତାରିଖ୍ ବୌଦ୍ଧ ଜିଲ୍ଲା ନ ଧୁମ୍ଧାମ୍ ନ ପାଲନ୍ କରାଯିବା । ଇତାର୍ସହେତେ ନଭେମ୍ବର୍ ୧୦ ତାରିଖ୍ ୧୦ କିଲୋମିଟର୍ ପଦଯାତ୍ରାର୍ ଆୟୋଜନ୍ କରାଯିବା । କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ବୌଦ୍ଧ ନ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ଇ ବାବ୍ଦେ ସୂଚ୍ନା ଦିଆଯାଇଚେ ।